ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ସା/ପୋ.ଅ.-ଘଟଗାଁ, ଜି-କେନ୍ଦୁଝର-୭୫୮୦୨୭ (ଓଡ଼ିଶା)
ଫୋନ୍-

MAA TARINI THAKURANI TEMPLE TRUST
At/Po.: Ghatgaon, Dist-Keonjhar-758027 (Odisha)
Phone-

website-www.maatarini.co.in Email- maatarini.ghatgaon@gmail.com

ଚିଠି ନଂ. Letter No.: 408 ତାରିଖ Date: 01.09.2023

## ନିଲାମ ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି ଦେବୋତ୍ତର କମିଶନର, ଓଡିଶା, ଭୁବନେଶ୍ଵରଙ୍କ ଆଦେଶ ଅନୁଯାୟୀ ତା.୦୧.୦୯.୨୦୨୩ରିଖ ସୁଦ୍ଧା ଆସିଥିବା ୧୦,୮୩,୯୩୪ଗୋଟା ମାନସିକ ନଡିଆକୁ ନିମ୍ନମତେ ନିଲାମ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରେ ତା.୦୮.୦୯.୨୦୨୩ରିଖ ଦିବା ୧୨ଘଟିକାରେ ଉପସ୍ଥିତ ରହି ଉକ୍ତ ନିଲାମରେ ଅଂଶ ଗ୍ରହଣ କରିପାରିବେ । ଏହି ନିଲାମ ସମ୍ବନ୍ଧୀୟ ନୋଟିସ୍ ଓ ନିୟମାବଳୀ www.maatarini.co.in ୱେବ୍‌ସାଇଟ୍‌ରେ ଦେଖିପାରିବେ ।

| କ୍ର.ନଂ. | ନିଲାମର ନାମ | ଧାର୍ଯ୍ୟ ମୂଲ୍ୟ |
|---|---|---|
| ୧. | ମାନସିକ ନଡିଆ କଟାଛଡାଇବା ସହ ଭୋଗ ନଡିଆ ବିକ୍ରି | ଟ.୪.୬୦/- ଗୋଟା ପ୍ରତି (ଛୋଟ, ମଧ୍ୟମ,ବଡ,ଖରାପ) |

1/9/2023

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର ।

# ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
# ଘଟଗାଁ, କେନ୍ଦୁଝର ।

## <u>ନିଲାମ ନିୟମାବଳୀ</u>

୧- ଓଡିଶା ହିନ୍ଦୁ ଦେବୋତ୍ତର ଆଇନ ଅନୁଯାୟୀ ମନ୍ଦିରରେ ନିଯୁକ୍ତ ଥିବା ସଦସ୍ୟଙ୍କ ଆତ୍ମୀୟ/ସଂପର୍କୀୟ/ଉତ୍ତରାଧିକାରୀ ଏହି ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ । ଏହି ନିଲାମରେ କେବଳ ହିନ୍ଦୁ ଧର୍ମର ବ୍ୟକ୍ତି ଅଂଶଗ୍ରହଣ କରିପାରିବେ ।

୨- ଯାହାଙ୍କ ନାମେ ନିଲାମ ଚୂଡାନ୍ତ ହେବ ସେ ଉକ୍ତ ଦିନ ଭୋଗ ନଡିଆ ବ୍ୟବସାୟ ପାଇଁ ଟ୍ୟାକ୍ସ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟର ନକଲ ସହିତ ଟ୍ୟାକ୍ସ କ୍ଲିୟରାନ୍ସ କରିଥିବାର ପ୍ରମାଣପତ୍ର ଓ ସଲଭେନ୍ସି ସାର୍ଟିଫିକେଟ୍ର ନକଲ ପ୍ରଦାନ କରିବେ । ଯଦି ନିୟମ ଅନୁଯାୟୀ ସମସ୍ତ ଦସ୍ତାବିଜ୍ ପ୍ରଦାନ ନ କରିପାରନ୍ତି ତେବେ ଉକ୍ତ ନିଲାମ ଗ୍ରହଣ ଯୋଗ୍ୟ ହେବ ନାହିଁ ।

୩- ମନ୍ଦିର ବିରୁଦ୍ଧରେ ଆଇନ୍ର ଆଶ୍ରୟ ନେଇଥିବା ବ୍ୟକ୍ତି/କଳା ତାଲିକାଭୁକ୍ତ ବ୍ୟକ୍ତି ବା ଅନୁଷ୍ଠାନ ଓ ପୂର୍ବରୁ ଟେଣ୍ଡର/ନିଲାମ ଖିଲାପ୍ କରିଥିବା ବ୍ୟକ୍ତି ଓ ସଂପର୍କୀୟ ଏହି ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ ।

୪- ଯାହାଙ୍କ ନାମେ ନିଲାମ ଚୂଡାନ୍ତ ହେବ ସେ ନିଲାମ ହେବା ଦିନ ଠାରୁ ୩(ତିନି) ଦିନ ମଧ୍ୟରେ ସ୍ଥାନୀୟ ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ଙ୍କ ଠାରୁ ଏକ ଚୁକ୍ତିନାମା ଆଫିଡେଭିଟ୍ କରି ଅତ୍ର କାର୍ଯ୍ୟାଳୟରେ ପ୍ରଦାନ କରିବା ପରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ।

୫- ମାନସିକ ନଡିଆ କତା ଛଡାଇବା ମୂଲ୍ୟକୁ ଭୋଗ ନଡିଆର କ୍ରୟ ମୂଲ୍ୟରୁ ବାଦ୍ କରାଯାଇ ଅପ୍ସେଟ୍ ପ୍ରାଇସ୍ ନିର୍ଦ୍ଧାରଣ କରାଯାଇଥିବାରୁ ମାନସିକ ନଡିଆ କତାଛଡା ବାବଦରେ କୌଣସି ମୂଲ୍ୟ ଦିଆଯିବ ନାହିଁ । ନିଲାମଧାରୀ ତାହା ସିଧାସଳଖ କତା ଛଡାଇବା ବ୍ୟକ୍ତିଙ୍କୁ ଅସୁଲ କରାଇବେ ।

୬- ତା.୦୧.୦୯.୨୦୨୩ରିଖ ସୁଦ୍ଧା ଷ୍ଟକ୍ ୧୦,୮୩,୯୩୪ ଗୋଟା ମାନସିକ ନଡିଆକୁ (ଛୋଟ, ମଧ୍ୟମ, ବଡ, ଖରାପ) କ୍ରୟ କରିବା ନିମନ୍ତେ ଆନୁମାନିକ ମାନସିକ ନଡିଆର ନିଲାମ ମୂଲ୍ୟ ଅନୁସାରେ ହିସାବ କରାଯାଇ ଯାହାଙ୍କ ନାମେ ନିଲାମ ସ୍ଥିର ହେବ ସେ ଉକ୍ତ ଅର୍ଥକୁ ପୋଷ୍ଟ ଡେଟେଡ୍ ଚେକ୍ ମାଧ୍ୟମରେ ଅଗ୍ରୀମ ପ୍ରଦାନ କରିବେ । ନିଲାମଧାରୀ ସମସ୍ତ ମାନସିକ ନଡିଆ ଗୁଡିକର କତା ଛଡାଇବା ବ୍ୟବସ୍ଥା ନିଜେ କରିବେ । ଏଥିପାଇଁ କୌଣସି ମୂଲ୍ୟ ମନ୍ଦିର ଟ୍ରଷ୍ଟ ତରଫରୁ ଦିଆଯିବ ନାହିଁ । ଗଚ୍ଛିତ ଥିବା ମାନସିକ ନଡିଆ (ଛୋଟ, ମଧ୍ୟମ, ବଡ, ଖରାପ) ଗୁଡିକ ନିଲାମଧାରୀ ଗ୍ରହଣ କରିବେ ଓ କୌଣସି ଆପତ୍ତି କରିବେ ନାହିଁ । ଏଥିରେ ଖିଲାପ କଲେ ନିଲାମ ନାକଚ କରାଯିବ । ଦୈନିକ କ୍ରୟ କରିଥିବା ନଡିଆର ମୂଲ୍ୟକୁ ସେହିଦିନ ଦାଖଲ କରିବେ । ଏଥିରେ ଖିଲାପ କଲେ ପୋଷ୍ଟ ଡେଟେଡ୍ ଚେକ୍କୁ ବ୍ୟାଙ୍କରେ ଜମା କରାଯାଇ ଉକ୍ତ ଅର୍ଥକୁ ଭରଣା କରାଯିବ । ଯଦି ନିର୍ଦ୍ଧାରିତ ମୂଲ୍ୟ ଓ ତାରିଖରେ ଉକ୍ତ ନଡିଆ କ୍ରୟ ନ କରନ୍ତି ତେବେ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଏହି ନିଲାମ ଆଦେଶ ରଦ୍ଦ କରାଯିବ ।

୭- ନିଲାମଧାରୀ ନିଲାମ ମୂଲ୍ୟ ଉପରେ ୧୦% ଯୋଗ କରି ଭକ୍ତଙ୍କୁ ଓ ୨୦% ଯୋଗ କରି ସ୍ଥାନୀୟ କୋରା ବ୍ୟବସାୟୀଙ୍କୁ ମାନସିକ ଭୋଗ ନଡିଆ ବିକ୍ରୟ କରିବେ ।

୮- ମନ୍ଦିର ପ୍ରଶାସନଙ୍କ ନିଷ୍ପତ୍ତି ଚୂଡାନ୍ତ ନିଷ୍ପତ୍ତି । ମନ୍ଦିର ପ୍ରଶାସନ ଚାହିଁଲେ ବିନା କୌଣସି କାରଣରେ ଏହି ନିଲାମ ନାକଚ ବା ପରିବର୍ତ୍ତନ କରିପାରିବେ ।

Sd/- 11/9/2023

EXECUTIVE OFFICER
MAA TARINI THAKURANI TEMPLE TRUST
GHATGAON, KEONJHAR